# NATIONAL NEWS BULLETIN (ODIA)

## 17 June 2026

## Midday Bulletin : 1.50 P.M.

*******************************

## ମୁଖ୍ୟ ସମ୍ବାଦ

- ଜି-୭ ଶିଖର ସମ୍ମିଳନୀ ଅବସରରେ ଆଜି ସନ୍ଧ୍ୟାରେ ଆମେରିକା ରାଷ୍ଟ୍ରପତିଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ ପ୍ରଧାନମନ୍ତ୍ରୀ

– ପ୍ୟାରିସ୍ ଠାରେ ପ୍ରଧାନମନ୍ତ୍ରୀ ଆସନ୍ତାକାଲି ପ୍ରମୁଖ ଉଦ୍ୟୋଗୀ ସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ କରିବେ ବୈଠକ

- ଦେଶର ୨୬ ନିୟୁତ ହେକ୍ଟର ଅବକ୍ଷୟମୁଖୀ ଜମିକୁ ପୁନରୁଦ୍ଧାର କରିବା ପାଇଁ ଲକ୍ଷ୍ୟ ରଖିଛନ୍ତି ସରକାର

- ହିଜବୁଲ୍ଲା ବିରୁଦ୍ଧରେ ଇସ୍ରାଏଲ୍‌ର ସାମରିକ ଅଭିଯାନକୁ ଆମେରିକା ରାଷ୍ଟ୍ରପତିଙ୍କ ସମାଲୋଚନା

ଏବଂ

- ଭାରତ ଆଫଗାନିସ୍ତାନ ମଧ୍ୟରେ ଲକ୍ଷ୍ନୌଠାରେ ଜାରି ରହିଛି ପୁରୁଷବର୍ଗ ଦ୍ୱିତୀୟ ଦିନିକିଆ ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍

# ପିଏମ୍ ଟ୍ରମ୍ପ ମିଟିଂ

ଜି-୭ ସମ୍ମିଳନୀ ଅବସରରେ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ମଧ୍ୟରେ ସନ୍ଧ୍ୟାରେ

ଦ୍ୱିପକ୍ଷୀୟ ବୈଠକ ଅନୁଷ୍ଠିତ ହେବ । ଗତ ବର୍ଷ ଫେବୃଆରୀ ମାସରେ ୱାଶିଂଟନ ଡିସିଠାରେ ଉଭୟ ନେତା ଶେଷଥର ଲାଗି  ଦ୍ୱିପକ୍ଷୀୟ ବୈଠକରେ ପରସ୍ପରକୁ ଭେଟିଥିଲେ। ଆଜିର ବୈଠକରେ ଦୁଇ ଦେଶ ମଧ୍ୟରେ ବିଭିନ୍ନ କ୍ଷେତ୍ରରେ ଜାରି ରହିଥିବା  ଦ୍ୱିପାକ୍ଷିକ ସହଯୋଗକୁ ଅଧିକ ମଜବୁତ କରିବା ପାଇଁ ଉଭୟ ନେତା ଆଲୋଚନା କରିବେ ବୋଲି ଆଶା କରାଯାଉଛି। ଏହାସହ ପାରସ୍ପରିକ ସ୍ୱାର୍ଥ ସମ୍ବଳିତ ଗୁରୁତ୍ୱପୂର୍ଣ୍ଣ ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ଘଟଣାବଳୀ ଉପରେ ମଧ୍ୟ ସେମାନେ ମତାମତ ବିନିମୟ କରିବାର ସମ୍ଭାବନା ରହିଛି। ଏହି ବୈଠକକୁ ରଣନୈତିକ ଭାବରେ ଗୁରୁତ୍ୱପୂର୍ଣ୍ଣ ବିବେଚନା କରାଯାଉଛି । ବୈଶ୍ୱିକ ଆହ୍ୱାନଗୁଡ଼ିକର ମୁକାବିଲା ଦିଗରେ ଭାରତ ନିରନ୍ତର ସକ୍ରିୟ ଭାବେ ଭୂମିକା ଗ୍ରହଣ କରିଆସୁଛି । ପ୍ରମୁଖ ଅନ୍ତର୍ଜାତୀୟ ମଞ୍ଚ ଏବଂ ପରାମର୍ଶ କ୍ଷେତ୍ରରେ ଭାରତର ବ୍ୟାପକ କୂଟନୈତିକ ସଂପର୍କ ଏହାର ବ୍ୟାପକ ଅଂଶଗ୍ରହଣକୁ ପ୍ରତିଫଳିତ କରୁଛି ।

ସମସ୍ତଙ୍କୁ ସୁଫଳ ପ୍ରଦାନ କରିବା ଲକ୍ଷ୍ୟ ନେଇ ଏକ ସନ୍ତୁଳିତ, ସମାବେଶୀ ଏବଂ ନିରନ୍ତର ଆର୍ଥିକ ଅଭିବୃଦ୍ଧିକୁ ପ୍ରୋତ୍ସାହନ ପ୍ରଦାକ କରିବା ଶୀର୍ଷକ ଅଧିବେଶନରେ ଶ୍ରୀ ମୋଦୀ ଯୋଗଦେବେ । ଏଥିରେ ଜି-୭ ସଦସ୍ୟ ରାଷ୍ଟ୍ର, ସହଭାଗୀ ଦେଶ, ଆନ୍ତର୍ଜାତିକ ମୁଦ୍ରାପାଣ୍ଠି ଏବଂ ଓଇସିଡିରେ ପ୍ରତିନିଧି ଅଂଶ ଗ୍ରହଣ କରିବେ । ଶ୍ରୀ ମୋଦୀ କୃତ୍ରିମ ବୁଦ୍ଧିମତ୍ତାର ସୁରକ୍ଷିତ, ତ୍ୱରିତ ଏବଂ ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପ୍ରସଙ୍ଗ ଆଧାରିତ କାର୍ଯ୍ୟକ୍ରମରେ ଯୋଗଦେବେ । ଜି-୭ ସଦସ୍ୟ ରାଷ୍ଟ୍ରର ନେତୃମଣ୍ଡଳୀ, ସହଭାଗୀ ରାଷ୍ଟ୍ର ତଥା ଅଗ୍ରଣୀ କୃତ୍ରିମ ବୁଦ୍ଧିମତ୍ତା ଉଦ୍ୟୋଗଗୁଡ଼ିକର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଏଥିରେଯୋଗଦେଇ

ଡିଜିଟାଲ ନବସୃଜନ ଏବଂ ଦାୟିତ୍ୱପୂର୍ଣ୍ଣ କୃତ୍ରିମ ବୁଦ୍ଧିମତ୍ତା ବିକାଶ ଉପରେ ମତ ବିନିମୟ କରିବେ । ସମ୍ମିଳନୀ ଅବସରରେ ଶ୍ରୀ ମୋଦୀ ୟୁରୋପୀୟ କମିଶନର ଅଧ୍ୟକ୍ଷ ଉର୍ସୁଲା ଭନ୍ ଡେର୍ ଲେୟନ୍ ଓ ଜର୍ମାନ୍ ଚାନ୍ସେଲର ଫ୍ରେଡରିଚ୍ ମର୍ଜଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ବୈଠକ କରିବାର କାର୍ଯ୍ୟସୂଚୀ ରହିଛି । ଶ୍ରୀ ମୋଦୀ ଗତକାଲି କେତେକ ଜି-୭ ସଦସ୍ୟ ରାଷ୍ଟ୍ର ମୁଖ୍ୟ ଏବଂ ସହଭାଗୀ ରାଷ୍ଟ୍ରର ଶୀର୍ଷ ନେତୃତ୍ୱଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିଛନ୍ତି ।

## ପିଏମ୍ ମୋଦି-ପ୍ୟାରିସ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଫ୍ରାନ୍ସ ଗସ୍ତ ଅବସରରେ ଆଜି ସନ୍ଧ୍ୟାରେ ପ୍ୟାରିସ୍‌ଠାରେ ପହଞ୍ଚିବେ । ପ୍ରବାସୀ ଭାରତୀୟ ପ୍ୟାରିସ୍‌ଠାରେ ଶ୍ରୀ ମୋଦୀଙ୍କୁ ସ୍ୱାଗତ କରିବା ପାଇଁ ଉତ୍ସାହର ସହିତ ଅପେକ୍ଷା କରିଛନ୍ତି । ଶ୍ରୀ ମୋଦୀ ଆସନ୍ତାକାଲି ପୂର୍ବାହ୍ନରେ ପ୍ରମୁଖ ଉଦ୍ୟୋଗୀ ସଂସ୍ଥାର କାର୍ଯ୍ୟନିର୍ବାହୀ ଅଧିକାରୀମାନଙ୍କ ସହିତ ଆଲୋଚନା ବୈଠକରେ ଯୋଗଦେବାର କାର୍ଯ୍ୟସୂଚୀ ରହିଛି । ଏହା ପରେ ଅପରାହ୍ନରେ ୟୁରୋପର ପ୍ରମୁଖ ପ୍ରଯୁକ୍ତିବିଦ୍ୟା ଓ ନବସୃଜନ ସମାବେଶ-ଭିଭାଟେକ୍ ଶିଖର ସମ୍ମିଳନୀରେ ଶ୍ରୀ ମୋଦୀ ଯୋଗଦେବେ । ଏହି ସମ୍ମିଳନୀରେ ଭାରତୀୟ ଷ୍ଟାର୍ଟଅପ୍ ଅଂଶ ଗ୍ରହଣ କରୁଛନ୍ତି । ଭାରତୀୟ ପ୍ରଯୁକ୍ତିବିଦ୍ୟା ଉଦ୍ୟୋଗ ଭିଭାଟେକ୍‌ର ବିଶ୍ୱସ୍ତରୀୟ ଧ୍ୟାନଆକର୍ଷଣ କରିବାର ଆଶା କରାଯାଉଛି ।

ସେଠାରେ ପ୍ରବାସୀ ଭାରତୀୟ ସଦସ୍ୟଙ୍କ ସହ ମତ ବିନିମୟ କରିବାର କାର୍ଯ୍ୟସୂଚୀ ରହିଛି । ଭାରତ-ଫ୍ରାନ୍ସ ମଧ୍ୟରେ ସୁଦୃଢ଼

ଜନସଂପର୍କକୁ ପ୍ରତିଫଳିତ କରିବା ଲକ୍ଷ୍ୟ ନେଇ ସେଠାରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

# ଭୂପେନ୍ଦ୍ର ଯାଦବ

ଦେଶରେ ଅବକ୍ଷୟମୁଖୀ ଜମିର ପୁନରୁଦ୍ଧାର ପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି ବୋଲି ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବ କହିଛନ୍ତି । ଏହା ପ୍ରକୃତିର ସେବା ସହିତ ମାନବତାର ଭବିଷ୍ୟତକୁ ସୁରକ୍ଷିତ ରଖିବାରେ ସରକାରଙ୍କ ଅଙ୍ଗୀକାରବଦ୍ଧତାକୁ ଏହା ପ୍ରତିଫଳନ କରୁଛି । ନୂଆଦିଲ୍ଲୀରେ ବିଶ୍ୱ ଜଳଶୁଷ୍କ ଅଞ୍ଚଳ ଏବଂ ମରୁଡ଼ି ମୁକାବିଲା ଦିବସ ୨୦୨୬ ପାଳନ ଅବସରରେ ଆୟୋଜିତ ଏକ କାର୍ଯ୍ୟକ୍ରମକୁ ସମ୍ବୋଧନ କରି ମନ୍ତ୍ରୀ ଶ୍ରୀ ଯାଦବ କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଦେଶର ୨୬ ନିୟୁତ ହେକ୍ଟର ଅବକ୍ଷୟମୁଖୀ ଜମିକୁ ପୁନରୁଦ୍ଧାର କରିବାର ଲକ୍ଷ୍ୟ ରଖାଯାଇଛି । ଏ ଦିଗରେ ସରକାର ସକ୍ରିୟ ଭାବେ କାର୍ଯ୍ୟ କରୁଛନ୍ତି । ରାମସର ସାଇଡ୍ ବା ଆର୍ଦ୍ରଭୂମି ସହରଗୁଡ଼ିକରେ ବନ୍ୟା ଜଳ ପରିଚାଳନା ଏବଂ ଅତିରିକ୍ତ ଜଳ ସଂରକ୍ଷଣ ପାଇଁ ସରକାର ପ୍ରାଥମିକତାର ସହ କାର୍ଯ୍ୟ କରୁଛନ୍ତି ବୋଲି ଶ୍ରୀ ଯାଦବ କହିଛନ୍ତି ।

**V/O**

ଶ୍ରୀ ଯାଦବ କହିଛନ୍ତି, ଚାଷକାର୍ଯ୍ୟରେ ଅତ୍ୟଧିକ ୟୁରିଆ ସାରର ଉପଯୋଗ ଖାଦ୍ୟ ଶୃଙ୍ଖଳରେ ଆହ୍ୱାନ ସୃଷ୍ଟି କରୁଛି । ମୃତ୍ତିକା ସ୍ୱାସ୍ଥ୍ୟ ଅବକ୍ଷୟ ଯୋଗୁଁ ଜମିର ଉର୍ବରତା ହ୍ରାସ ପାଉଛି । ମନ୍ତ୍ରୀ ଶ୍ରୀ ଯାଦବ

ବିକାଶ ଏବଂ ପରିବେଶ ସଂରକ୍ଷଣ ମଧ୍ୟରେ ସନ୍ତୁଳନ ରକ୍ଷା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି ।

## ଟ୍ରମ୍ପ : ଇସ୍ରାଏଲ୍-ଲେବାନନ୍ କନ୍ଫ୍ଲିକ୍ଟ

ହିଜ୍‌ବୁଲ୍ଲା ବିରୁଦ୍ଧରେ ଇସ୍ରାଏଲ୍‌ର ସାମରିକ ଅଭିଯାନକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପ ସମାଲୋଚନା କରିଛନ୍ତି । ବହୁଦିନ ଧରି ଜାରି ରହିଥିବା ଏହି ସଂଘର୍ଷ ଫଳରେ ବହୁ ସଂଖ୍ୟାରେ ସାଧାରଣ ନାଗରିକ ମୃତାହତ ହୋଇଛନ୍ତି ବୋଲି ଶ୍ରୀ ଟ୍ରମ୍ପ କହିଛନ୍ତି। ଇଭିଆନାଠାରେ ଚାଲିଥିବା ଜି-୭ ଶିଖର ସମ୍ମିଳନୀକୁ ସମ୍ବୋଧନ କରି ଶ୍ରୀ ଟ୍ରମ୍ପ ସାମରିକ କାର୍ଯ୍ୟାନୁଷ୍ଠାନ ପରିଚାଳନାକୁ ଦାୟିତ୍ୱପୂର୍ଣ୍ଣ ଭାବେ ନିର୍ବାହ କରିବାକୁ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ନେତାନ୍ୟାହୁଙ୍କୁ ଅନୁରୋଧ କରିଛନ୍ତି ।

ଅନ୍ୟପକ୍ଷରେ ଆମେରିକା ଓ ଇରାନ ମଧ୍ୟରେ ହେବାକୁ ଥିବା ଚୁକ୍ତିନାମା ପରିପ୍ରେକ୍ଷୀରେ ଇସ୍ରାଏଲ୍-ଲେବାନନ୍ ସଂଘର୍ଷ ଏକ ପ୍ରମୁଖ ପ୍ରସଙ୍ଗ ଭାବେ ଉଭା ହେଉଛି । ଶ୍ରୀ ଟ୍ରମ୍ପ କହିଛନ୍ତି, ଚୁକ୍ତିନାମାର ସମସ୍ତ ବିବରଣୀ ଆଗାମୀ ଦିନରେ ସାର୍ବଜନୀନ କରାଯିବ । ପୂର୍ବ ଘୋଷଣା ଅନୁଯାୟୀ ଆସନ୍ତା ଶୁକ୍ରବାର ଦିନ ଆମେରିକା ଓ ଇରାନ ମଧ୍ୟରେ ଯୁଦ୍ଧ ବିରତି ନେଇ ଆନୁଷ୍ଠାନିକ ଭାବେ ଚୁକ୍ତି ସ୍ୱିଜରଲ୍ୟାଣ୍ଡଠାରେ ସ୍ୱାକ୍ଷରିତ ହେବାର କାର୍ଯ୍ୟସୂଚୀ ରହିଛି ।

## ପିଏମ୍-ଡିଫେନ୍ସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ଗତ ଦଶନ୍ଧି ମଧ୍ୟରେ ଦେଶର ପ୍ରତିରକ୍ଷା କ୍ଷମତାରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଘଟିଛି । ଆତ୍ମନିର୍ଭରଶୀଳ ଦୃଷ୍ଟିକୋଣ ଆଧାରରେ ନବସୃଜନ, ପ୍ରଯୁକ୍ତିବିଦ୍ୟା ଏବଂ ସ୍ୱଦେଶୀ

ଉତ୍ପାଦନ ବ୍ୟାପକ ହୋଇଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ଆକାଶ, ସ୍ଥଳଭାଗ ଏବଂ ଜଳଭାଗରେ ଭାରତ ନିଜର ପ୍ରତିରକ୍ଷା ଦକ୍ଷତାକୁ ଅଧିକ ସଶକ୍ତ କରିପାରିଛି ।ବିକଶିତ ସ୍ୱଦେଶୀ ପ୍ରଯୁକ୍ତିବିଦ୍ୟା ଏବଂ ଆତ୍ମନିର୍ଭରଶୀଳତା ଜାତୀୟ ସୁରକ୍ଷା କ୍ଷେତ୍ର ପାଇଁ ଏକ ଦୃଢ଼ ଭିତ୍ତିଭୂମି ପ୍ରତିଷ୍ଠା କରିପାରିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି ।

## ଶାହା-ଇଣ୍ଡିଆ ସିକ୍ୟୁରିଟି

ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଗତ ୧୨ ବର୍ଷ ମଧରେ ଭାରତ ସୁରକ୍ଷା ଦୃଷ୍ଟିରୁ ସଶକ୍ତ ହୋଇପାରିଛି । ଆଭ୍ୟନ୍ତରୀଣ ସୁରକ୍ଷା ଏବଂ ବାହ୍ୟ ଶତ୍ରୁଙ୍କ ଉପରେ ବିନାଶକାରୀ ପଦକ୍ଷେପକୁ ସୁନିଶ୍ଚିତ କରିପାରିଛି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ଶାହା କହିଛନ୍ତି ସର୍ଜିକାଲ୍ ଷ୍ଟ୍ରାଇକ୍, ଏୟାର ଷ୍ଟ୍ରାଇକ ଓ ଅପରେସନ ସିନ୍ଦୂର ଭଳି ପଦକ୍ଷେପ ସୀମାପାର ଶତ୍ରୁଙ୍କୁ ଦୃଢ଼ ଜବାବ ଦେଇପାରିଛି । ଧାରା ୩୭୦ର ଉଚ୍ଛେଦ, ନକ୍ସଲବାଦ  ମୂଳୋତ୍ପାଟନ ଏବଂ ଦେଶର ଉତ୍ତର-ପୂର୍ବ ଅଞ୍ଚଳ ଗୁଡ଼ିକରେ ୧୨ଟିରୁ ଅଧିକ ସ୍ୱାକ୍ଷରିତ ହୋଇଥିବା ଚୁକ୍ତି ଆଭ୍ୟନ୍ତରୀଣ ସୁରକ୍ଷା କ୍ଷେତ୍ରକୁ ସଶକ୍ତ କରିପାରିଛି । ଜାତୀୟ ସୁରକ୍ଷା ପ୍ରତି ସରକାରଙ୍କ ଅଙ୍ଗୀକାରବଦ୍ଧତା ବିଶ୍ୱସ୍ତରରେ ଭାରତକୁ ଏକ ପ୍ରଶଂସାଯୋଗ୍ୟ ରାଷ୍ଟ୍ରରେ ପରିଣତ କରିଛି ବୋଲି ଶ୍ରୀ ଶାହା କହିଛନ୍ତି ।

## ବିଜେପି-ନିଟ୍ କଂଗ୍ରେସ

ନିଟ୍-ୟୁଜି ପୁନଃ ପରୀକ୍ଷା ଅନୁଷ୍ଠିତ ହେବାକୁ ଯାଉଛି ଏବଂ ସରକାର ଏହାକୁ ସଂପୂର୍ଣ୍ଣ ସମ୍ବେଦନଶୀଳତା ଓ ସତର୍କତାର ସହିତ ପରିଚାଳନା କରିବା ନେଇ ପ୍ରସ୍ତୁତ ଅଛନ୍ତି ବୋଲି ବିଜେପି ମୁଖପାତ୍ର ତଥା ସାଂସଦ

ସୁଧାଂଶୁ ତ୍ରିବେଦୀ କହିଛନ୍ତି । ନୂଆଦିଲ୍ଲୀ ଦଳୀୟ ମୁଖ୍ୟାଳୟ ଠାରେ ଗଣମାଧ୍ୟମକୁ ସମ୍ବୋଧନ କରି ପୁନଃ ପରୀକ୍ଷା ନେଇ ଛାତ୍ରଛାତ୍ରୀଙ୍କ ଉପରେ ଚାପ ସୃଷ୍ଟି କରିବା ଏବଂ ସେମାନଙ୍କ ଏକାଗ୍ରତା ଭଙ୍ଗ କରିବା ପାଇଁ ବିରୋଧୀ କଂଗ୍ରେସ ପ୍ରୟାସ କରୁଛି ବୋଲି ଶ୍ରୀ ତ୍ରିବେଦୀ କହିଛନ୍ତି । ଏଥିପାଇଁ ଶ୍ରୀ ତ୍ରିବେଦୀ କଂଗ୍ରେସ ନେତା ତଥା ଲୋକସଭା ବିରୋଧୀ ଦଳ ନେତା ରାହୁଳ ଗାନ୍ଧୀଙ୍କୁ ସମାଲୋଚନା କରିଛନ୍ତି ।

# କ୍ରିକେଟ

ଭାରତ ଏବଂ ଆଫଗାନିସ୍ତାନ ମଧ୍ୟରେ ଦ୍ୱିତୀୟ ଦିନିକିଆ ଆନ୍ତର୍ଜାତୀୟ କ୍ରିକେଟ ମ୍ୟାଚ୍ ଲକ୍ଷ୍ନୌର ଏକନା କ୍ରିକେଟ୍ ଷ୍ଟାଡିୟମ୍‌ଠାରେ ଜାରି ରହିଛି । ଟସ୍ ଜିତି ଆଫଗାନିସ୍ତାନ ଭାରତକୁ ପ୍ରଥମେ ବ୍ୟାଟିଂ କରିବାକୁ ଆମନ୍ତ୍ରଣ କରିଥିଲା ।

ବର୍ତ୍ତମାନ ସୁଦ୍ଧା ଭାରତ ୧-୦ରେ ସିରିଜ୍‌ରେ ଅଗ୍ରଣୀ ରହିଛି ।

# ଫିଫା ୱାର୍ଲଡ କପ୍

ଫିଫା ବିଶ୍ୱକପ୍ ଫୁଟ୍‌ବଲ୍ ପ୍ରତିଯୋଗିତାର ଆଜି ଅନୁଷ୍ଠିତ ଖେଳରେ ଅଷ୍ଟ୍ରିଆ ୩-୧ ଗୋଲ୍‌ରେ ଜୋର୍ଡାନ୍‌କୁ ପରାସ୍ତ କରିଛି । ଦୀର୍ଘ ୩୬ ବର୍ଷ ପରେ ବିଶ୍ୱକପ୍ ଫୁଟ୍‌ବଲ୍ ପ୍ରତିଯୋଗିତାରେ ଅଷ୍ଟ୍ରିଆ ଏହାର ପ୍ରଥମ ବିଜୟ ହାସଲ କରିଛି । ଅନ୍ୟ ମ୍ୟାଚ୍‌ଗୁଡ଼ିକ ମଧ୍ୟରେ ଆର୍ଜେଣ୍ଟିନ’ ଆଲ୍‌ଜେରିଆ ବିପକ୍ଷରେ ୩-୦ ଗୋଲ୍‌ରେ ବିଜୟ ହାସଲ କରିଛି । ଆର୍ଜେଣ୍ଟିନା ଦଳର ତାରକା ଖେଳାଳି ଲିଓନେଲ୍ ମେସି ହାଟ୍ରିକ୍ ଅର୍ଜନ କରିଛନ୍ତି । ଅନ୍ୟପକ୍ଷରେ ନରୱେ ୪-୧ ଗୋଲ୍‌ରେ ଇରାକକୁ ପରାସ୍ତ କରିଛି ।

ଫ୍ରାନ୍ସ’ ସେନେଗଲକୁ ୩-୧ ଗୋଲ୍‌ରେ ପରାସ୍ତ କରିଥିବା ବେଳେ ଇରାନ୍ ଓ ନ୍ୟୁଜିଲାଣ୍ଡ ଏବଂ ଉରୁଗୁଏ ଓ ସାଉଦି ଆରବ ମଧ୍ୟରେ ମ୍ୟାଚ୍ ଅମୀମାଂସିତ ଭାବେ ଶେଷ ହୋଇଛି ।

## ପାଣିପାଗ

ଭାରତୀୟ ପାଣିପାଗ ବିଭାଗ କହିଛି, ଓଡ଼ିଶା ସମେତ ତେଲଙ୍ଗାନା, ଝାଡ଼ଖଣ୍ଡ, ବିହାର, ଛତିଶଗଡ଼ର ବିଭିନ୍ନ ଅଞ୍ଚଳକୁ ଆସନ୍ତା ୫ ଦିନ ମଧ୍ୟରେ ଦକ୍ଷିଣ-ପଶ୍ଚିମ ମୌସୁମୀବାୟୁ ପ୍ରବେଶ ନେଇ ପାଗ ଅନୁକୂଳ ରହିଛି । ତେବେ ପଶ୍ଚିମବଙ୍ଗର ଉପ ହିମାଳୟ ଅଞ୍ଚଳ ଏବଂ ସିକିମ୍‌ରେ ଆଜି ପ୍ରବଳ ବର୍ଷା ହେବା ନେଇ ପାଣିପାଗ ବିଭାଗ ଅନୁମାନ କରିଛି । ଏପରିକି ଆସାମ, ମେଘାଳୟ, ବିହାର, କେରଳମ୍, ମାହେ, ତାମିଲନାଡୁ, ପୁଡୁଚେରୀ ଏବଂ କରେଇକାଲଠାରେ ପ୍ରବଳ ବର୍ଷାର ସମ୍ଭାବନା ରହିଛି । ଓଡ଼ିଶା ସମେତ ମଧ୍ୟପ୍ରଦେଶ, ଝାଡ଼ଖଣ୍ଡ, ତାମିଲନାଡୁ, ତେଲଙ୍ଗାନା, ବିଦର୍ଭ, ପଶ୍ଚିମବଙ୍ଗ, ସିକିମ୍, ଏବଂ ପଶ୍ଚିମ ଉତ୍ତରପ୍ରଦେଶର କେତେକ ଅଞ୍ଚଳରେ ଝଡ଼ବାତ୍ୟା ଜନିତ ବର୍ଷାର ସମ୍ଭାବନା ରହିଛି ।